ବିଜ୍ଞାପିତ ଅଞ୍ଚଳ ପରିଷଦ, କୁଚିଣ୍ଡା
**OFFICE OF THE NOTIFIED AREA COUNCIL, KUCHINDA**
At/Po-Kuchinda, Dist-Sambalpur, Odisha, Pin-768222 Phone: (06642)220060
Email:kuchinda_nac@yahoo.com, Website: www.nackuchinda.in

ପତ୍ର ସଂଖ୍ୟା ୧୮୬୨ / ଏନଏସି. ତାରିଖ. ୦୩-୦୮-୨୦୨୫

## ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡାର ସମସ୍ତ **୧୧** ଗୋଟି ୱାର୍ଡର ସ୍ୱୟଂସହାୟକ ଗୋଷ୍ଠୀ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ **"WOMEN FOR TREES" CAMPAIN UNDER AMRUT MITRA INITIATIVE** ଅଧୀନରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅଞ୍ଚଳରେ ନିମ୍ନଲିଖିତ ଜାଗା ଗୁଡିକରେ ବୃକ୍ଷ ରୋପଣ କରାଯିବ । ଏଥି ନିମନ୍ତେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାନଙ୍କ ଠାରୁ ମୁଦା ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

### ବୃକ୍ଷ ରୋପଣ କରାଯିବା ଜାଗା ଗୁଡ଼ିକର ବିବରଣୀ

**୧.** **ବଗିଚା ଶାଗର , ୱାର୍ଡ ନମ୍ବର - ୮**
**୨.** **ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କୁଚିଣ୍ଡା, ୱାର୍ଡ ନମ୍ବର - ୭**
**୩.** **ସ୍ମୃତି ବନ , ୱାର୍ଡ ନମ୍ବର - ୯**
**୪.** **ଫରେଷ୍ଟ ପାର୍କ , ୱାର୍ଡ ନମ୍ବର -୯**
**୫.** **ଉପ-ଜିଲ୍ଲାପାଳ କୁଚିଣ୍ଡା କାର୍ଯ୍ୟାଳୟ ସମ୍ମୁଖ ,ୱାର୍ଡ ନମ୍ବର - ୪**

ଏହି ଦରଖାସ୍ତ ମୁଦା ଲଫାପାରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟରେ ତା: **୧୩/୦୮/୨୦୨୫**, ଅପରାହ୍ଣ ୫.୩୦ ଘଟିକା ସୁଦ୍ଧା ଦାଖଲ କରିପାରିବେ।

ଦାଖଲ ହୋଇଥିବା ସମସ୍ତ ଦରଖାସ୍ତ ଚୟନ କମିଟି ସଦସ୍ୟ (ULB Level Committee) ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଏବଂ ସମ୍ପାଦିକା ମାନଙ୍କ ଉପସ୍ଥିତିରେ ତା **୧୪ /୦୮ /୨୦୨୫** ରିଖ ସକାଳ ୧୦ ଘଟିକା ସମୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ସଭା ଗୃହରେ ଖୋଲାଯିବା ସହିତ ଦରଖାସ୍ତ ଦାଖଲ କରିଥିବା ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ସମସ୍ତ ମୂଳ ଦସ୍ତାବିଜ/ ରେଜିଷ୍ଟର ଯାଞ୍ଚ୍ କରାଯିବ । ମୁଦା ଲଫାପା ଉପରେ **"DAY-NULM ସ୍ୱୟଂସହାୟକ ଗୋଷ୍ଠୀର ପଞ୍ଜିକରଣ ସଂଖ୍ୟା...................., ..................ସ୍ୱୟଂସହାୟକ ଗୋଷ୍ଠୀ, ୱାର୍ଡ ସଂଖ୍ୟା............", ................................ ଜାଗାରେ ବୃକ୍ଷ ରୋପଣ କାର୍ଯ୍ୟ ନିମନ୍ତେ ଦରଖାସ୍ତ "** ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଅଧିକ ବିବରଣୀ ପାଇଁ ଆପଣ ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା କାର୍ଯାଳୟରେ ଯୋଗାଯୋଗ କରିପାରିବେ।

### ସ୍ୱୟଂ ସହାୟକ ଗୋଷ୍ଠୀ ଚୟନ ନିମନ୍ତେ ଆବଶ୍ୟକ ଥିବା ଯୋଗ୍ୟତା

(୧) **DAY-NULM ରେ ସ୍ୱୟଂସହାୟକ ଗୋଷ୍ଠୀର ପଞ୍ଜିକରଣ ହୋଇଥିବା ଆବଶ୍ୟକ, ଏବଂ** ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

**(୨)** **ଅତି କମରେ ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଦସ୍ୟ ଅଷ୍ଟମ ମାନକ ମୌଳିକ ଶିକ୍ଷା ପାଇବା ଉଚିତ୍ ଏବଂ ଡିଜିଟାଲ୍ ସ୍ୱାକ୍ଷର ହୋଇଥିବା ଜରୁରୀ ଅଟେ ।**

(୩) ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମା ଖାତା ଥିବ **ଏବଂ କୌଣସି ଆର୍ଥିକ ଅନିୟମିୟତତା ଯଥା, ଋଣ ଏନ.ପି.ଏ. ରାଇଟ ଅଫ ଘୋଷିତ ହୋଇନଥିବ ।**

(୪) **ଅସାମାଜିକ କାର୍ଯ୍ୟ ଅଥବା ଅପରାଧରେ ଜଡିତ ନଥିବେ ।**

(୫) ସ୍ୱୟଂ ସହାୟକ ଗୋଷ୍ଠୀର **ଜଳ ଭିତ୍ତିକ କାର୍ଯ୍ୟକଳାପ / ନିର୍ମାଣ କାର୍ଯ୍ୟରେ ପୂର୍ବ ଅଭିଜ୍ଞତା ଥିଲେ ସମ୍ପୃକ୍ତ** ସ୍ୱୟଂ ସହାୟକ ଗୋଷ୍ଠୀକୁ **ଅଗ୍ରାଧିକାର ଦିଆଯିବ ।**

(୬) **ସମ୍ପୃକ୍ତ ୱାର୍ଡର** ସ୍ୱୟଂ **ସହାୟକ ଗୋଷ୍ଠୀକୁ ପ୍ରାଥମିକତା ଭିତ୍ତିରେ ଅଗ୍ରାଧିକାର ଦିଆଯିବ । ଯଦି ସମ୍ପୃକ୍ତ ୱାର୍ଡରୁ ଯଥେଷ୍ଟ ଦରଖାସ୍ତ ଦାଖଲ ନ ହୁଏ ତେବେ ପାଖ ୱାର୍ଡର** ସ୍ୱୟଂ **ସହାୟକ ଗୋଷ୍ଠୀର ଦରଖାସ୍ତକୁ ବିଚାରକୁ ନିଆଯିବ ।**

(ଉପରୋକ୍ତ ଯୋଗ୍ୟତା ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ବୃକ୍ଷ ରୋପଣ କାର୍ଯ୍ୟର କାର୍ଯ୍ୟର ତତ୍ତ୍ୱାବଧାନ / ପର୍ଯ୍ୟବେକ୍ଷଣ ନିମନ୍ତେ ଯାଞ୍ଚ କରାଯାଇ ସର୍ବାଧିକ ମାର୍କ ରଖୁଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଚୟନ କମିଟି ଦ୍ୱାରା ଚୟନ କରାଯିବ ।)

**କାର୍ଯ୍ୟନିର୍ବାହୀ ଅଧିକାରୀ**
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା
ତା. ୦୩/୦୮/୨୦୨୫

**ପରିପତ୍ର ସଂଖ୍ୟା** ୧୭୭୩ **/ ଏନଏସି. ତାରିଖ.** ୦୩-୦୮-୨୦୨୫

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , କୁଚିଣ୍ଡା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା
ତା. ୦୩/୦୮/୨୦୨୫

**ପରିପତ୍ର ସଂଖ୍ୟା** ୧୭୭୪ **/ ଏନଏସି. ତାରିଖ.** ୦୩-୦୮-୨୦୨୫

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ / ଭାରାପାପ୍ତ ଗୋଷ୍ଠୀ ସଙ୍ଗଠିକା ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଛପାଗଲ ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା
ତା. ୦୩/୦୮/୨୦୨୫

## ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା ର "WOMEN FOR TREES" CAMPAIN UNDER AMRUT MITRA INITIATIVE କାର୍ଯ୍ୟ ନିମନ୍ତେ ଆବେଦନ ପତ୍ର

ଆବେଦନ କରୁଥିବା ପ୍ରକଳ୍ପର ନାମ . ____________ ତାରିଖ. ____________

୧. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ନାମ:

୨. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଏବଂ ସମ୍ପାଦିକା ଙ୍କ ମୋବାଇଲ ନମ୍ବର:

୩. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ଠିକଣା (ୱାର୍ଡ ନମ୍ବର ସହିତ):

୪. ସମ୍ପୃକ୍ତ ସଦସ୍ୟ/ ସଦସ୍ୟା ଙ୍କ ସଂଖ୍ୟା:

୫. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର ପଞ୍ଜୀକରଣ ନମ୍ବର :

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮. IFSC କୋଡ:

୯. ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶି ର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳି ଅନୁସରଣ କରୁଛନ୍ତି କି ? :

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ :

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପାଦକଙ୍କ ସ୍ୱାକ୍ଷର

ମୋବାଇଲ ନଂ:

ୱାର୍ଡ ନଂ :

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଙ୍କ ସ୍ୱାକ୍ଷର

ମୋବାଇଲ ନଂ:

ୱାର୍ଡ ନଂ:

## ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନକରିବେ

- ସ୍ୱୟଂ ସହାୟକ ଗୋଷ୍ଠୀର ବିଗତ ବର୍ଷର ରେଜଲ୍ୟୁସନ ସହିତ ପ୍ରଥମ ରେଜଲ୍ୟୁସନ
- ପାସବୁକର ଫୋଟୋକପି (ପ୍ରଥମ ଏବଂ ଶେଷପୃଷ୍ଠା)
- କ୍ୟାଶ ବୁକର ଫୋଟୋକପି
- ଆୟ ଉତ୍ପାଦନ କାର୍ଯ୍ୟକଳାପର ତାଲିକା
- ସରକାରୀ କାର୍ଯ୍ୟକ୍ରମରେ ଜଡ଼ିତ ଯଥା- ମୁଦ୍ରା, ଆହାର
- ପାନ କାର୍ଡ଼
- ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁ କାର୍ଯ୍ୟ ପାଇଁ ଦରଖାସ୍ତ କରିବେ ତାହାର ରେଜଲ୍ୟୁସନ ବା ବୈଠକ ନିର୍ଦ୍ଧାରଣ ତାରିଖ ଥିବା ଏକ ନକଲ ସଂଲଗ୍ନ କରିବେ

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ କୁଚିଣ୍ଡା